## ୮ ଛେଳି ଜୀବନ୍ତ ଦଗ୍ଧ

ଆସିକା (ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଏକ ଗୁହାଳରେ ଅଗ୍ନିକାଣ୍ଡ ଘଟି ୮ଟି ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଆଉ ୮ଟି ଛେଳି ପୋଡି ହୋଇ ଗୁରୁତର ଥିବା ଜଣାପଡିଛି। ତେବେ କେଉଁ ପରିସ୍ଥିତିରେ ଗୁହାଳେ ଅଗ୍ନିକାଣ୍ଡ ଘଟିଲା ତାହା ଜଣାପଡ଼ିନାହିଁ। ଏ ନେଇ ଛେଳି ମାଲିକ ଉଦୟ ଗୌଡ଼ ଆସିକା ଥାନାରେ ଅଭିଯୋଗ କରିଛନ୍ତି। କୌଣସି ଦୁବୃତ୍ତ ଏପରି କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ୭୬୨/୨୩ ରେ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ସ୍ୱରୂପ କିସାନ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଯୁବ ଓଡ଼ିଶା, ନବୀନ ଓଡ଼ିଶାର ସାଂସ୍କୃତିକ କାର୍ଯ୍ୟକ୍ରମ

ଟିକାବାଲି, ୧୫।୧୨ (ଗଗନ ବିହାରୀ ପଟନାୟକ) କନ୍ଧମାଳ ଜିଲା ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ଅଧକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରଦନ ମଲିକ, ମୁଖ୍ୟ ବକ୍ତା ଭାବେ ଟିକାବାଲି ବ୍ଲକ ଅଧକ୍ଷ ଦିଲ୍ଲୀପ କଂହର, ସମ୍ମାନିତ ଅତିଥି ଭାବେ ଅଧାପକ ବିଷ୍ଣୁପ୍ରସାଦ ରଥ, ବନମାଳି ବେହେରା, ବିରୂପାକ୍ଷ ତ୍ରିପାଠୀ ଯୋଗଦେଇଥିଲେ। ନୋଡାଲ ଅଫିସର ଅଧାପକ ରତନ ଦିଗାଲ, ଜ୍ଞାନ ରଞ୍ଜନ ଭୋଇ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ନାତକ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନୃତ୍ୟ, ସଂଗୀତ, ପ୍ରବନ୍ଧ, ତର୍କ, ରଙ୍ଗୋଲି, ସୁନ୍ଦରୀ ଏହିପରି ଅନେକ ପ୍ରତିଯୋଗିତାର ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା।

### କଲେଜ ଜୀବନ ନିଜର ପ୍ରତିଭା ବିକଶିତ କରିବା ସମୟ

ଶେରଗଡ, ୧୫।୧୨ (ସୂର୍ଯ୍ୟନାରାୟଣ ଦାଶ): ପିତ୍ତଳ ଉଚ୍ଚ ମାଧମିକ ବିଦ୍ୟାଳୟରେ ସମନ୍ୱିତ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷ ସାଗର କୁମାର ବେହେରା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ମହାବିଦ୍ୟାଳୟର ପୂର୍ବ ତନ ସଭାପତି ମାଧବାନନ୍ଦ ପଣ୍ଡା, ବରିଷ୍ଠ ନେତା ହୀନ ବେହେରା, ଜିଲ୍ଲା ପରିଷଦ ପ୍ରତିନିଧି ବରୁଣ ପଲେଇ ଯୋଗଦେଇଥିଲେ। କଲେଜସ୍ତରରୁ ବିକାଶ ହୋଇପାରିଲେ ନିଜର ପ୍ରତିଭା ବିକଶିତ ହେବା ସହ ତାକୁ ଉପଯୋଗ କରି ଜଣେ ପ୍ରତିଭାବାନ ବ୍ୟକ୍ତି ହୋଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ନୋଡାଲ ଅଧିକାରୀ କେଶବଚନ୍ଦ୍ର ଦାଶ ସଂଯୋଜନା କରିଥିବା ବେଳେ ମନୋଜ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନୂଆ-ଓ କାର୍ଯ୍ୟକ୍ରମ

ଛତ୍ରପୁର, ୧୫।୧୨ (ଦିଲ୍ଲୀପ ସାମଲ): ଛତ୍ରପୁର ମହିଳା ଡିଗ୍ରୀ ମହା ବିଦ୍ୟାଳୟରେ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ତୃତୀୟ ଦିବସରେ ଛତ୍ରପୁର ସିଡିପିଓ ପ୍ରଣମିତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଛନ୍ତି। ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଓ କ୍ରୀଡା ଏବଂ ଯୁବ ବ୍ୟାପାର ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଲୋକ ଲୋଚନକୁ ଅଣାଯାଇପାରିବ ବୋଲି ସେ କହିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡ. ସୁମିତା ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କୃତ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ସାମାଜିକ କର୍ମୀ ପ୍ରଫୁଲ ପଟ୍ଟନାୟକ, ସରକାରୀ କର୍ମଚାରୀ ଭାରତୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ଡ଼ ଯାଜ୍ଞସେନୀ ପାଣିଗ୍ରାହୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା କବିତା ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ନ ମିଳିଲେ କାର୍ଯ୍ୟାନୁଷ୍ଠାନ

## ଉପଖଣ୍ଡସ୍ତରୀୟ ଧାନ କ୍ରୟ କମିଟି ବୈଠକ

ଭଞ୍ଜନଗର, ୧୫।୧୨ (ବାବୁଲା ପ୍ରଧାନ): ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଧାନ ମଣ୍ଡି ଖୋଲିବାରେ ବିଳମ୍ବ ହେଉଛି । ତେଣୁ ଭଞ୍ଜନଗର ଉପଖଣ୍ଡର ଚାଷୀମାନେ ଅଭାବୀ ଧାନ ବିକ୍ରିର ସମ୍ମୁଖିନ ହୋଇଛନ୍ତି। ଏହିଭଳି ପରିସ୍ଥିତିରେ ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ୨୯ ତାରିଖରେ ମଣ୍ଡି ଖୋଲିବା ପାଇଁ ଶୁକ୍ରବାର ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପଜିଲାପାଳ ଅନିଲ କୁମାର ସେଠୀ ଅଧକ୍ଷତା କରିଥିଲେ। ଚଳିତ ବର୍ଷ ୧୧୯ ଟି ସେବା ସମବାୟ ସମିତି ଏବଂ ୪୦ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୧୫୯ ଟି ସ୍ଥାନରେ ଧାନ କିଣିବା ପାଇଁ ନିଷ୍ପତ୍ତି ହୋଇଛି। ଉପଖଣ୍ଡରେ ସମସ୍ତ ମଣ୍ଡିଗୁଡିକ ଅଲଗା ଅଲଗା ଦିନରେ ନ ଖୋଲି ପ୍ରଥମ ଦିନରେ ହିଁ ଖୋଲିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଚାଷୀମାନେ ଧାନ ବିକ୍ରି ସମୟରେ ଯେଉଁକି କୌଣସି ସମସ୍ୟାର ସମୁଖୀନ ନ ହେବେ ସେଥିପ୍ରତି ମଣ୍ଡି ଦାୟିତ୍ୱରେ ଥିବା କର୍ମଚାରୀମାନେ ଦୃଷ୍ଟି ଦେବେ। ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଯେଭଳି ମିଳିବ ସେଥିପ୍ରତି ସ୍ୱତନ୍ତ୍ର କମିଟି ଗଠନ ହୋଇଛି। ଚାଷୀଙ୍କୁ ସର୍ବନିମ୍ନ ସହାୟକ ନମିଳିଲେ ଦୋଷୀଙ୍କ ବିରୋଧରେ ପଦକ୍ଷେପ ନିଆଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଭଞ୍ଜନଗର ଉପଖଣ୍ଡରେ ଗତ ବର୍ଷ ୧୬ ଲକ୍ଷ ୮୯ ହଜାର କୁଇଣ୍ଟାଲ ଧାନ କିଣାଯାଇଥିଲା। ଚଳିତ ବର୍ଷ ଧାନ ବିକ୍ରି କରିବା ପାଇଁ ଉପଖଣ୍ଡର ୪୭୩୧୩ ଜଣ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ଟୋକେନ ପାଇବାର ୩୦ ଦିନ ମଧ୍ୟରେ ଚାଷୀ ଧାନ ବିକ୍ରି କରିପାରିବେ। ଯୋଗ୍ୟ ଚାଷୀଙ୍କ ଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କିଣାଯିବା ପାଇଁ ଆବଶ୍ୟକ ଟାର୍ଗେଟ (ଗତ ବର୍ଷର ୮୫ ପ୍ରତିଶତ) ଉପଖଣ୍ଡକୁ ଆସିଯାଇଛି। ଚଳିତ ବର୍ଷ ସାଧାରଣ ଧାନ କୁଇଣ୍ଟାଲ ପିଛା ୨୧୮୩ ଟଙ୍କା ରଖାଯାଇଛି। ପଞ୍ଜୀକୃତ ଚାଷୀମାନେ ୧୯୬୭ ଟୋଲଫ୍ରି ନମ୍ବରରେ ଯୋଗାଯୋଗ କରି ସେମାନଙ୍କ ଟୋକେନ, ଧାନ ବିକ୍ରୟ ତାରିଖ ଏବଂ ଅନ୍ୟାନ୍ୟ ବିଷୟରେ ସୂଚନା ପାଇପାରିବେ। ଚଳିତ ମାସ ୨୦ ତାରିଖ ସୁଦ୍ଧା ସମସ୍ତ ସନ୍ଦିଗ୍ଧ ଫ୍ଲଟର ଭେରିଫିକେସନ କାର୍ଯ୍ୟ ସମାପ୍ତ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଯୋଗାଣ ବିଭାଗ, ନିୟନ୍ତ୍ରିତ ବଜାର କମିଟି, ମିଲର ମାଲିକ, ସମବାୟ ବିଭାଗର ଅଧିକାରୀ, ମିଶନ ଶକ୍ତି କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବେଲଗୁଣ୍ଠା ଯୋଗାଣ ନିରୀକ୍ଷକ ସୁବ୍ରତ କୁମାର ଧନ୍ୟବାଦ ପ୍ରଦାନ କରିଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

# ନବ ଦିନାତ୍ମକ ମହାଲକ୍ଷ୍ମୀ ପୂଜା ଆରମ୍ଭ



ବୁଗୁଡ଼ା, ୧୫।୧୨ (କାଳି ଚରଣ ଦାଶ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପଙ୍କଳବାଡ଼ି ଗ୍ରାମରେ ମାଣବସା ଗୁରୁବାର ଉପଲକ୍ଷେ ନବ ଦିନାତ୍ମକ ମହାଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଗ୍ରାମର ବଡ଼ଦାଣ୍ଡରେ ମହାଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ସୁଦୃଶ୍ୟ ତୋରଣ ନିର୍ମାଣ କରାଯାଇଛି। ସନ୍ଧ୍ୟାରେ ଆଲୋକ ମାଳାରେ ସୁସଜ୍ଜିତ ପୂଜା ମଣ୍ଡପ ଝଲସୀ ଉଠୁଛି। ପୁରୋହିତ ଭାବେ ସୁକାନ୍ତ କୁମାର ରଥ, ଗୋଦାବରୀଶ ହୋତା, ଶଶାଙ୍କ ଭୂଷଣ ହୋତା ଓ ହାଡୁ ବନ୍ଧୁ ରଥ ପୂଜାକାର୍ଯ୍ୟ ସମ୍ପାଦନ କରୁଥିବା ବେଳେ କର୍ତ୍ତା ଭାବେ ଶତ୍ରୁଘନ ଜେନା, ସୁକାନ୍ତି ଜେନା ଦାୟିତ୍ୱ ତୁଲାଉଛନ୍ତି। ନବ ଦିନାତ୍ମକ ପୂଜାରେ ପ୍ରତିଦିନ ହୋମ, ସୂର୍ଯ୍ୟ ପୂଜା, ସନ୍ଧ୍ୟା ଆଳତି ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଉଛି। ପଙ୍କଳବାଡ଼ି ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମେଢ଼ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି।

# ଦେବଗିରି ଉତ୍ସବ ଉଦ୍‌ଯାପିତ

ପାରଳାଖେମୁଣ୍ଡି, ୧୫।୧୨ (ଗିରିଧାରୀ ପରିଛା): ଗଜପତି ଜିଲା ଆଦିବାସୀ ଅଧୁଷିତ ଅଞ୍ଚଳରେ ଭାବେ ପରିଚିତ। ଉପାନ୍ତ ଅଞ୍ଚଳରେ ବ୍ଲକସ୍ତରୀୟ ଉତ୍ସବ ପାଳନ କରାଯିବା ସହ ଲୁକ୍କାୟିତ କଳାକାର ପ୍ରତିଭାମାନଙ୍କ ବିକାଶ ପାଇଁ ଦେବଗିରି ଉତ୍ସବ ଏକ ମାଧ୍ୟମ। ଏନେଇ ଗୁମ୍ମା ଠାରେ ଦୁଇ ଦିନ ଧରି ବ୍ଲକସ୍ତରୀୟ ଦେବଗିରି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଉଦଯାପିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିରେନ୍ଦ୍ର କୁମାର ଦାସ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ନରେଶ ଶବର, ଜିଲା ପରିଷଦ ସଭ୍ୟା ରେଣୁକା ପାତ୍ର, ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ ଓ ବିଡ଼ିଓ ଶରତ କୁମାର ପାତ୍ର ଯୋଗ ଦେଇଥିଲେ। ଉତ୍ସବରେ ସ୍ଥାନୀୟ ଲୋକକଳା, ଲୋକନୃତ୍ୟ ଏବଂ ଲୁକ୍କାୟିତ ପ୍ରତିଭା ଦେଖିବାକୁ ମିଳିଛି। ଉଦଯାପିତ ଉତ୍ସବରେ ବହୁ ଚର୍ଚ୍ଚିତ କଣ୍ଠଶିଳ୍ପୀ ସଂଗୀତା ପାଢ଼ୀ ଓ ପାରାଳାଖେମୁଣ୍ଡି ମିରାକେଲ ଡ୍ୟାନ୍ସ ଗ୍ରୁପର ତାଳେ ତାଳେ ଝୁମିଥିଲେ ଦର୍ଶକ। ଅତିଥିମାନେ ଉତ୍ସାହିତ ହୋଇ କଳାକାର, ବିଭିନ୍ନ ବିଦ୍ୟାଳୟର କୁନି କଳାକାର ଓ ପ୍ରତିଭାଶାଳୀ ଛାତ୍ରୀଛାତ୍ରମାନଙ୍କୁ ଅର୍ଥରାଶି ପୁରସ୍କୃତ କରିବା ସହ ବଜାୟ ରହିଥିବା କଳା ଓ ସଂସ୍କୃତିର ପ୍ରୟାସକୁ ପ୍ରଶଂସା କରିଥିଲେ। ଗୌତମ ଗମାଙ୍ଗ, ସସ୍ମିତା ଗମାଙ୍ଗ, ସୁସ୍ମିର ଷଡଙ୍ଗୀ, ଶ୍ୱେତାରାଣୀ ଶବର, ନରେଶ କୁମାର ପାଣି ଓ ସ୍ଥାନୀୟ ଖବରଦାତାମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପାରମ୍ପରିକ ଦେବଗିରି ଉତ୍ସବକୁ ବ୍ଲକ କର୍ମଚାରୀ ଏଇଇ ବିଭୁ ଚରଣ ପୂଜାରୀ, ଏପିଓ ସୋମିୟ ସୁଧାକର ତ୍ରିପାଠୀ, ବିପିଏମ ମନ୍ମଥ ପାତ୍ର, ଡବ୍ଲୁଓ ମନୋଜ କୁମାର ସାହୁ, ବିଏସ୍‌ଏସ୍ ସତ୍ୟଜିତ ବେହେରା, କନିଷ୍ଠ ଯନ୍ତ୍ରୀ କେଡିଏନ ସାହୁ, ପ୍ରଶାନ୍ତ କୁମାର ମିଶ୍ର, ଉପେନ୍ଦ୍ର ମାଛ ଓ ସ୍ଥାନୀୟ ଯୁବ ଗୋଷ୍ଠୀ ପରିଚାଳନା କରିଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

## ଖୋଲିନି ଧାନମଣ୍ଡି, ଚିନ୍ତାରେ ଚାଷୀ

ଧରାକୋଟ, ୧୫।୧୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧାନମଣ୍ଡି ଖୋଲି ନ ଥିବାରୁ ଧରାକୋଟ ବ୍ଲକର ଚାଷୀମାନେ ଚିନ୍ତାରେ ପଡିଛନ୍ତି। ସ୍ୱଳ୍ପ ବୃଷ୍ଟି ଯୋଗୁଁ ବ୍ଲକର ଅଧିକାଂଶ ପଞ୍ଚାୟତରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି । ଯାହାକିଛି ଅମଳ ହୋଇଛି ତାକୁ ଚାଷୀ ବିଲରୁ ସଂଗ୍ରହ କରି ମଣ୍ଡିରେ ବିକ୍ରି ପାଇଁ ଚାହିଁ ବସିଛ। ଏହା ମଧ୍ୟରେ ଆନ୍ଧ୍ର ବେପାରୀମାନଙ୍କ ଲୋଲୁପ ଦୃଷ୍ଟି ଗାଁ ଗହଳିରେ ପଡ଼ିଲାଣି । ସ୍ଥାନୀୟ ଅସାଧୁ ବ୍ୟକ୍ତିଙ୍କୁ ହାତକରି ସେମାନେ ଶାଗମାଛ ଦରରେ କୁଇଣ୍ଟାଲ ପିଛା ୧୮୦୦ ଟଙ୍କା ଦରରେ ଧାନ କିଣୁଛନ୍ତି। ଟଣା ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ସଞ୍ଜୟ ମଲିକଙ୍କୁ ପଚାରିବାରେ, ଅସାଧୁ ବ୍ୟବସାୟୀ ମାନଙ୍କ ପ୍ରତି ସତର୍କ ଦୃଷ୍ଟି ରଖାଯାଇଛି । ବ୍ଲକସ୍ତରରେ ଆସନ୍ତା ୨୯ ତାରିଖରେ ୧୯ଟି ମଣ୍ଡି ଖୋଲିବା ପାଇଁ ପ୍ରଶାସନ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି କହିଛନ୍ତି।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ




ଆସିକା, ୧୫।୧୨ (ସୁରେନ୍ଦ୍ର ନାଥ ସାହୁ) ଆସିକା ବ୍ଲକ ନିମିନାସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ବୁଧବାର ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧକ୍ଷ ହରିଶଙ୍କର ପାଣ୍ଡେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି, ଜିଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକ ସମ୍ମାନିତ ଅତିଥି ଏବଂ କଲେଜ ପରିଚାଳନା ପରିଷଦର ସଭାପତି ବାୟାମନୁ ଚର୍ଚ୍ଚି ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ପ୍ରତିନିଧି ବିଜୟ କୁମାର ନାହାକ, ନିମିନା ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଚ୍ଚି, ସମିତିସଭ୍ୟ ପ୍ରତିନିଧି ଶଶାଙ୍କ କୁମାର ଚର୍ଚ୍ଚି ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ନୋଡାଲ ଅଫିସର ଭାବେ ବିକାଶ ଦିଗଲ ଓ ପ୍ରଫୁଲ୍ଲ କାଣ୍ଡୋଗିରି ଯୋଗଦେଇଥିଲା ବେଳେ ଛାତ୍ରୀ ଶୁଭଶ୍ରୀ ବିଶ୍ୱାଳ, ପୂଜାରାଣୀ ପ୍ରଧାନ ଓ ଅଧାପକ ଉଦିତ ନାରାୟଣ ଦାଶ ପରିଚାଳନା କରିଥିଲେ।

# କାମ ନ କରି ଲକ୍ଷାଧିକ ଟଙ୍କା ଟଳୁ

## ଜିଲାପାଳଙ୍କୁ ଅଭିଯୋଗ, ତଦନ୍ତ ଦାବି

ପୋଲସରା, ୧୫।୧୨ (ସୁବ୍ରତ ବେହେରା) ପୋଲସରା ବ୍ଲକ ଅନ୍ତର୍ଗତ ଡୁଙ୍କାପଡ଼ା ପଞ୍ଚାୟତ ଡୁଙ୍କାପଡ଼ା ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଦୁର୍ନୀତି ହୋଇଥିବା ଗଞ୍ଜାମ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସରେ ଆରଡି ରୋଡ଼ ପାଣି ଟାଙ୍କି ଠାରୁ ପାହାଡ଼ ରାସ୍ତାରେ ମେଟାଲ ମୋରମ୍ ରାସ୍ତା ନିର୍ମାଣ ପାଇଁ ଆର୍ଥିକ ବର୍ଷ ୨୦୨୨-୨୩ କାର୍ଯ୍ୟାଦେଶ (ନଂ.୧୦୫୫୧୧୦୧)ରେ କୌଣସି କାମ ନ କରି କିମ୍ବା ଫଳକ ନ ଲଗାଇ ୯୨ହଜାର ୯୦୪ ଟଙ୍କା ଅର୍ଥ ହଡ଼ପ ହୋଇଛି। ସେହିପରି ଆରଡି ରାସ୍ତା ଠାରୁ ସିଂହାସନୀ ପର୍ଯ୍ୟନ୍ତ ମେଟାଲ୍ ମୋରମ ରାସ୍ତା ନିର୍ମାଣ ପାଇଁ ଆର୍ଥିକ ବର୍ଷ ୨୦୨୨-୨୩ କାର୍ଯ୍ୟାଦେଶ (ନଂ ୧୦୫୫୧୦୯୮)ରେ ବିନା ଫଳକରେ ମାଟି ମୁଠାଏ ବି ନ ପକାଇ ୮୬ ହଜାର ୯୯୭ ଟଙ୍କା ହଡ଼ପ କରଯାଇଥିବା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିକଟରେ ଅଭିଯୋଗ ହୋଇଛି। ଉକ୍ତ ଗ୍ରାମରେ ଶୈବ ପୀଠ ନିକଟରେ ରହିଛି ମା ସିଂହାସନୀ ମନ୍ଦିର। କିନ୍ତୁ କୌଣସି ମାଟି ରାସ୍ତା ନ ଥାଇ ମଧ୍ୟ ମେଟାଲ ମୋରମ ରାସ୍ତା ନିର୍ମାଣ ପାଇଁ କିପରି କାର୍ଯ୍ୟାଦେଶ ଦିଆଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଉକ୍ତ ବିଷୟକୁ ନେଇ କିଛି ଜାଣି ନ ଥିବା ଉକ୍ତ ପଞ୍ଚାୟତ ପାଇଁ ଥିବା କନିଷ୍ଠ ଯନ୍ତ୍ରୀ ବିକ୍ରମ ସୋରେନ୍ କହିଛନ୍ତି। ଏହାର ତୁରନ୍ତ ତଦନ୍ତ କରି ଉଚ୍ଚ ପଦାଧିକାରୀ ପଦେକ୍ଷପ ନେବାକୁ ଦାବି ହୋଇଛି।

## ପାଣ୍ଡିଆନଙ୍କ ଗସ୍ତ ନେଇ ବୈଠକ

ଆସିକା, ୧୫।୧୨ (ସୁରେନ୍ଦ୍ର ନାଥ ସାହୁ) ୫-ଟି ଓ ନବୀନ ଓଡିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ରବିବାର ଆସିକାର ଆରାଧ୍ୟ ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ପାଣ୍ଡିଆନଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ଲାଗି ମା' ଖମ୍ବେଶ୍ୱରୀ ମନ୍ଦିର ପରିଚାଳନା କମିଟିର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ପୂଜକ ମନୋଜ କୁମାର ମୁନି, ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ପୋଲିସ ଏସଆଇ ଅମ୍ବିକା ବେଣିଆ, ରାଜସ୍ୱ ନିରୀକ୍ଷକ ବିଶ୍ୱନାଥ ଲେଙ୍କା ସାମିଲ ଥିଲେ। ମା'ଙ୍କ ଦର୍ଶନ ପରେ ପାଣ୍ଡିଆନ କଲ୍ୟାଣ ମଣ୍ଡପ ଠାରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଉଦବୋଧନ ଦେବା ଲାଗି ବୈଠକ ରେ ନିଷ୍ପତ୍ତି ନିଆଯାଇଛି।

# ଜାଡ଼ରେ ଥରୁଛି କନ୍ଧମାଳ



ଫୁଲବାଣୀ/ଦାରିଙ୍ଗବାଡି/ବାଲିଗୁଡ଼ା, ୧୫।୧୨ (ରାକେଶ ରାଉତ/ଅରୁଣ ସାହୁ/ ସଞ୍ଜୟ କୁମାର ପାଣିଗ୍ରାହୀ) କନ୍ଧମାଳ ଜିଲା ଫୁଲବାଣୀରେ ତାପାମାତ୍ରା କମି ୮.୫ ଡିଗ୍ରୀରେ ପହଞ୍ଚିଛି । ସେହିପରି ଦାରିଙ୍ଗିବାଡି ଓ ବାଲିଗୁଡ଼ାରେ ୯.୫ ଡିଗ୍ରୀ ତାପାମାତ୍ରା ରେକର୍ଡ କରାଯାଇଛି। ଓଡିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ପ୍ରବଳ ଶୀତ ଅନୁଭୂତ ହେବା ସହ ପାରଦ ତଳ ମୁହାଁ ହୋଇଛି। ୧୦ ଡିଗ୍ରୀ ତଳେ ପାରଦ ରହୁଥିବା ବେଳେ ଆଭ୍ୟନ୍ତରୀଣ ଅଞ୍ଚଳରେ ଅସହ୍ୟ ଶୀତ ଅନୁଭୂତ ହେଉଛି। ଶୁକ୍ରବାର ସକାଳେ ପାରଦ ୯ ଡିଗ୍ରୀ ରହିଥିବା ବେଳେ ଆଭ୍ୟନ୍ତରୀଣ ଅଞ୍ଚଳରେ ଏହାଠାରୁ ଯଥେଷ୍ଟ କମ ରହିଥିବା ଜଣାପଡିଛି। ଅଞ୍ଚଳରେ ଗରିବ ରେଖାତଳେ ଥିବା ବୃଦ୍ଧା ବୃଦ୍ଧଙ୍କୁ ଅଧିକ ଶୀତ କଷ୍ଟ ଦେଉଥିବା ବେଳେ କାମଧନ୍ଦା ପାଇଁ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି। ସଂଧ୍ୟା ହେଲେ ରାସ୍ତା ଘାଟ ଜନଶୂନ୍ୟ ହୋଇପଡୁଛି।

# ଜୋନାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ

ପାରଳାଖେମୁଣ୍ଡି, ୧୫।୧୨ (ଗିରିଧାରୀ ପରିଛା): ଓଡ଼ିଶା ଜନଜାତି ବର୍ଗ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଭିତରେ ଥିବା ପ୍ରତିଭାକୁ ଚିହ୍ନଟ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ କରାଯାଉଛି ଶିଶୁ ମହୋତ୍ସବ 'ସର୍ଗିଫୁଲ'। ଏହି ଅବସରରେ ଗୁରୁବାର ଗଜପତି ଜିଲା ରାୟଗଡ଼ ବ୍ଲକସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜୋନସ୍ତରୀୟ ଶିଶୁ 'ସର୍ଗିଫୁଲ' ଶୁଭାରମ୍ଭ ହୋଇଛି। ଏହାକୁ ମନ୍ତ୍ରୀ ଜଗନ୍ନାଥ ସାରକା ଉଦଘାଟନ କରିଥିଲେ। ସେ କହିଥିଲେ, ଜନଜାତି ସମ୍ପ୍ରଦାୟ ହେଉଛି ଜିଲା, ରାଜ୍ୟ ଓ ଦେଶର ଗର୍ବ। ଏହି ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଛାତ୍ରୀଛାତ୍ରଙ୍କ ଭିତରେ ଅନେକ ପ୍ରତିଭା ରହିଛି। ଏହିଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ସେମାନଙ୍କ ସୃଜନାତ୍ମକ ପ୍ରତିଭାର ବିକାଶ ସହ ପ୍ରତିଯୋଗିତାମୂଳକ ମନୋଭାବ ଯୋଗାଯୋଗ, କଳା ଦକ୍ଷତା, ସାହିତ୍ୟ,ଖେଳ ଏବଂ ନେତୃତ୍ୱର ବିକାଶ ହୋଇପାରିବ। ଜନଜାତିଙ୍କ ଉନ୍ନତି ରାଜ୍ୟର ଉନ୍ନତି ବୋଲି ମତପୋଷଣ କରିଥିଲେ। ଏହି ଜୋନାଲସ୍ତରୀୟ ସର୍ଗିଫୁଲରେ ଯେଉଁମାନେ ଭଲ ପ୍ରଦର୍ଶନ କରିଛନ୍ତି ସେହି ଛାତ୍ରୀଛାତ୍ରମାନେ ୨୩ରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବରେ ଯୋଗଦାନ କରିବେ। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ, ସମ୍ମାନିତ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ମାରୀୟମ ରଇତ, ରାୟଗଡ଼ ପଞ୍ଚାୟତ ସମିତି ଅଧକ୍ଷା ପୂର୍ଣ୍ଣବାସୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମୋଟ ୧୭ଟି ୱାର୍କସପ କରାଯାଇଛି। କାର୍ଯ୍ୟକ୍ରମକୁ ଜିଲା ମଙ୍ଗଳ ଅଧିକାରୀ ମମତା ରାଣୀ ପରିଡ଼ାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ବେଳେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।



ମହୋତ୍ସବରେ ଯୋଗଦେଇଥିବା ଜିଲାପାଳ ଓ ଅନ୍ୟ ଅତିଥି।

## ଋଷିଶୃଙ୍ଗ ମହୋତ୍ସବ

ନୂଆଗଡ଼, ୧୫।୧୨ (ଯୋଗ୍ୟବନ୍ତ ପରିଛା) ଗଜପତି ଜିଲା ନୂଆଗଡ଼ ମିନିଷ୍ଟାଡିୟମ ଠାରେ ଚାଲିଥିବା ବ୍ଲକସ୍ତରୀୟ ଋଷିଶୃଙ୍ଗ ମହୋତ୍ସବ ଉଦଯାପିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ଗାବରା ତିରୁପତି ରାଓ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାସ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ମରୀୟମ ରଇତ, ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ ଓ ବିଡିଓ ଲୋକନାଥ ଶବର, ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, ବ୍ଲକ ଅଧକ୍ଷା ମାଳତୀ ପ୍ରଧାନ, ଉପାଧକ୍ଷ ନିହୀମିୟା ରଇତ, ଏମ୍‌ପି ପ୍ରତିନିଧି ରିଙ୍କୁ ପାଣି ଉପସ୍ଥିତ ଥିଲେ। ଉଦଯାପନୀରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୁଣନିଧି ନାୟକ, ସ୍ଥାନୀୟ ସରପଞ୍ଚ ସୋରଜିନି ରଇତ, ସମିତିସଭ୍ୟ ସଚିତା ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟିକା ଅନନ୍ୟା ଶ୍ରୀତମ ନନ୍ଦ ଏବଂ ଗାୟକ ପ୍ରଭୁପ୍ରଦ ମହାନ୍ତିଙ୍କ ଗୀତରେ ଦର୍ଶକ ଝୁମିଥିଲେ। ବ୍ରହ୍ମପୁର ସହରର ହାସ୍ୟ କଳାକାର ଆନା କମେଡି୍ ମଧୁ ସୁଦନ ମିଶ୍ର, ବେକାର ଟୋକା ପ୍ରିତିରଞ୍ଜନ ପ୍ରଧାନ, ୟୁଟ୍ୟୁବର ହାସ୍ୟ କଳାକାର ସାନ୍ଟୁ ଯୋଗଦେଇ ଦର୍ଶକଙ୍କୁ ହସାଇଥିଲେ।

# ଲକ୍ଷ୍ମୀ ନାରାୟଣ କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ




କୋଦଳା, ୧୫।୧୨ (ଅମିତ କୁମାର ପଟ୍ଟନାୟକ) କୋଦଳା ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଯୁବ ଓଡିଶା ଏବଂ ନବୀନ ଓଡିଶା ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ରଘୁନାଥ ମୁଦୁଲି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ନୋଡାଲ ଅଧିକାରୀ ରଞ୍ଜୁବାଳା ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୃତ୍ୟ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ସେଠୀ, ନାଟ୍ୟ ନିର୍ଦ୍ଦେଶକ ନୀଳାଞ୍ଚଳ ସାହୁ ଏବଂ ଅଧାପକ ସାଗର ଚନ୍ଦ୍ର ପାତ୍ର ବିଚାରକ ଭାବେ ଯୋଗଦେଇଥିଲେ। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନ୍ୟାନ୍ୟ ପ୍ରତିଯୋଗିତା ହେବ। ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଡକ୍ଟର ବିଷ୍ଣୁ ନାରାୟଣ ସେଠି, ବିନୋଦ କୁମାର ମିଶ୍ର, ସପନ କୁମାର ଦାସ, ପ୍ରିୟଦର୍ଶିନୀ ସାହୁ, ଅପରାଜିତା ପାତ୍ର, ସାଗରିକା ଦାସ, ପି ସତ୍ୟ ନାରାୟଣ ପାତ୍ର, ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

